# Visit of External Affairs Minister to Republic of Seychelles (November 27-28, 2020)

November 28, 2020

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସେଚେଲ୍ସ ଗସ୍ତ (27-28 ନଭେମ୍ବର 2020)

ନଭେମ୍ବର 28, 2020

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଆଜି ସେଚେଲ୍ସକୁ ତାଙ୍କର ଦୁଇ ଦିନିଆ ସରକାରୀ ଗସ୍ତ ଶେଷ କରିଛନ୍ତି। ସେ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ବାର୍ତ୍ତାରେ ସେଚେଲ୍ସ ସହ ଭାରତର ସମ୍ପର୍କକୁ ଗୁରୁତ୍ୱ ଦିଆଯାଇଥିବା ଦର୍ଶାଯାଇଛି। ତାଙ୍କ ଗସ୍ତ କାଳରେ ସେ ରାଷ୍ଟ୍ରପତି ମହା ମହିମ ୱେଭେଲ ରାମକଲାୱନଙ୍କୁ 27 ନଭେମ୍ବର 2020 ରେ ରାଷ୍ଟ୍ର ଭବନଠାରେ ସାକ୍ଷାତ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ତାଙ୍କ ସେଚେଲ୍ସ ପ୍ରତିପକ୍ଷ ତଥା ବୈଦେଶିକ ବ୍ୟାପାର ଏବଂ ପର୍ଯ୍ୟଟନ ମନ୍ତ୍ରୀ ମାନ୍ୟବର ସିଲଭେଷ୍ଟ୍ରେ ରାଡେଗୋଣ୍ଡେଙ୍କ ସହିତ ମଧ୍ୟ ବାର୍ତ୍ତାଳାପ କରିଥିଲେ।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାରତ ସରକାର ଏବଂ ଭାରତବାସୀଙ୍କ ତରଫରୁ ରାଷ୍ଟ୍ରପତି ରାମକଲାୱନଙ୍କୁ ସାମ୍ପ୍ରତିକ ନିର୍ବାଚନରେ ତାଙ୍କର ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଜାନୁଆରୀ 2018 ରେ ରାଷ୍ଟ୍ରପତି ରାମକଲାୱନଙ୍କ ଭାରତ ଗସ୍ତକୁ ମନେ ପକାଇ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ତାଙ୍କ ନେତୃତ୍ୱରେ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କ ଆହୁରି ବିକଶିତ ହେବ। 2021 ରେ ଭାରତ ଗସ୍ତରେ ଆସିବା ପାଇଁ ସେ ରାଷ୍ଟ୍ରପତି ରାମକଲାୱନଙ୍କୁ ଭାରତୀୟ ନେତୃତ୍ୱ ତରଫରୁ ଆମନ୍ତ୍ରଣ କରିଥିଲେ।

ତାଙ୍କର ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ରାଷ୍ଟ୍ରପତି ରାମକଲାୱନ ଗଣତନ୍ତ୍ର ତଥା ଆଇନ ବ୍ୟବସ୍ଥାର ମୂଲ୍ୟବୋଧ ଉପରେ ପାରସ୍ପରିକ ବିଶ୍ୱାସ ଦ୍ୱାରା ସୁଦୃଢ ହୋଇଥିବା ଐତିହାସିକ ପଡ଼ୋଶୀ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। କୋଭିଡ ପରବର୍ତ୍ତୀ କାଳରେ ଭାରତ ଓ ସେଚେଲ୍ସ ମଧ୍ୟରେ ରଣନୀତିକ ଭାଗିଦାରୀକୁ ଆହୁରି ସୁଦୃଢ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାରତର ସଂକଳ୍ପକୁ ଦୋହରାଇଥିଲେ। ଏସଏଜିଏଆର ବା ଏହି ଅଞ୍ଚଳରେ ସମସ୍ତଙ୍କ ପାଇଁ ସୁରକ୍ଷା ଏବଂ ଅଭିବୃଦ୍ଧି ଦିଗରେ ଭାରତର ଦୂରଦୃଷ୍ଟିରେ ସେଚେଲ୍ସର କେନ୍ଦ୍ରୀୟତା ବିଷୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଥିଲେ ଯାହା ଭାରତ ମହାସାଗର ପ୍ରତି ଭାରତର ନୀତିକୁ ବର୍ଣ୍ଣିତ କରିଥାଏ। ସମୁଦ୍ର ଆର ପାଖରେ ଥିବା ପଡୋଶୀ ରାଷ୍ଟ୍ର ଭାବରେ ସେଚେଲ୍ସ ମଧ୍ୟ ଭାରତର 'ପଡ଼ୋଶୀ ପ୍ରଥମ' ନୀତିର ଏକ ଅଂଶ।

ମହାମାରୀ ସମୟରେ ଚିକିତ୍ସା ସାମଗ୍ରୀ ତଥା ଜରୁରୀ ଔଷଧ ଆକାରରେ ଭାରତ ଦେଇଥିବା ସହାୟତାକୁ ରାଷ୍ଟ୍ରପତି ରାମକଲାୱନ ପ୍ରଶଂସା କରିଥିଲେ। ସେ ଦୁଇ ଦେଶ ମଧ୍ୟରେ ବିକାଶ ଏବଂ ସୁରକ୍ଷା କ୍ଷେତ୍ରରେ ଭାଗିଦାରୀକୁ ଗୁରୁତ୍ୱ ଦେଇଥିଲେ ଏବଂ ସେଚେଲ୍ସରେ ରାଷ୍ଟ୍ର ନିର୍ମାଣ ଉପରେ ଏହାର ସକରାତ୍ମକ ପ୍ରଭାବ ବିଷୟରେ କହିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ସେଚେଲ୍ସର ସ୍ୱାର୍ଥ ଏବଂ ଆକାଂକ୍ଷାକୁ ସମର୍ଥନ କରିବା ଏବଂ ଏହି କ୍ଷେତ୍ରରେ ସହଯୋଗକୁ ଉଚ୍ଚ ସ୍ତରକୁ ନେବା ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ବିସ୍ତୃତ ଏବଂ ଗଭୀର କରିବା ଏବଂ କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାର ମୁକାବିଲା ପାଇଁ ସମନ୍ୱୟ ଏବଂ ସହଯୋଗର ଆବଶ୍ୟକତା ଉପରେ ଦୁଇ ପକ୍ଷ ଆଲୋଚନା କରିଥିଲେ। ଚୋରା ନିଶାଦ୍ରବ୍ୟ କାରବାର, ଆଇୟୁୟୁ ବା ବେଆଇନ, ଅଣସଂଗଠିତ ଏବଂ ଅନିୟମିତ ମାଛ ଧରିବା, ସାମୁଦ୍ରିକ ପରିସଂସ୍ଥାର ସୁରକ୍ଷା କରିବା ସହିତ ଡକାୟତି ଏବଂ ଜଳବାୟୁ

ପରିବର୍ତ୍ତନର ମୁକାବିଲା କରିବା ପାଇଁ ମିଳିତ ପ୍ରୟାସକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ସେମାନେ ପାରସ୍ପରିକ ସ୍ୱାର୍ଥ ଉପରେ ପ୍ରଭାବ ପକାଉଥିବା ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ସେଚେଲ୍ସର ବୈଦେଶିକ ମନ୍ତ୍ରୀଙ୍କ ସହ ମନ୍ତ୍ରୀସ୍ତରୀୟ ଆଲୋଚନା ମଧ୍ୟ କରିଥିଲେ। ବିକାଶ ସହଭାଗୀତା, କ୍ଷମତା ବିକାଶ, ପ୍ରତିରକ୍ଷା ସହଯୋଗ, ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଏବଂ ସାଂସ୍କୃତିକ ସମ୍ପର୍କ, ବ୍ୟାପାର, ପର୍ଯ୍ୟଟନ ଏବଂ ବାଣିଜ୍ୟ ଏବଂ ସ୍ୱାସ୍ଥ୍ୟ ସହିତ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଦୁଇ ମନ୍ତ୍ରୀ ଆଲୋଚନା କରିଥିଲେ।

**ଭିକ୍ଟୋରିଆ**

**ନଭେମ୍ବର** 28, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.